# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 15th January – 2026

********************************

## ମୁଖ୍ୟ ସମ୍ବାଦ

- ବିଶ୍ୱ ସ୍ତରରେ ଦ୍ରୁତ ଅଭିବୃଦ୍ଧି ହାସଲ କରି ଭାରତ ପ୍ରମୁଖ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇଛି; କହିଲେ ପ୍ରଧାନମନ୍ତ୍ରୀ ।

- କୋଲ୍‌କାତାଠାରେ ଆସନ୍ତାକାଲି ରାଜ୍ୟ ସରକାରଙ୍କ ପକ୍ଷରୁ ହେବ ନିବେଶକ ସମ୍ମିଳନୀ; ଯୋଗଦେବେ ମୁଖ୍ୟମନ୍ତ୍ରୀ ।

- ସଚିବସ୍ତରୀୟ ବୈଠକରେ କାର୍ଯ୍ୟକ୍ରମଗୁଡ଼ିକର ନିୟମିତ ସମୀକ୍ଷା ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ ପ୍ରଦାନ ।

ଏବଂ

- ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ସମ୍ବଲପୁରରେ କାର୍ଯ୍ୟକ୍ଷମ ହେବ ଡପ୍‌ଲର୍ ରାଡାର ।

***Desk***

## ପି.ଏମ୍. - ବାଚସ୍ପତି ସମ୍ମିଳନୀ

ବିଶ୍ୱ ସ୍ତରରେ ଦ୍ରୁତତମ ଅଭିବୃଦ୍ଧି ହାସଲ କରି ଭାରତ ପ୍ରମୁଖ ଅର୍ଥନୈତିକ ଶକ୍ତି ଭାବେ ଉଭା ହେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

କହିଛନ୍ତି । ନୂଆଦିଲ୍ଲୀର ସମ୍ବିଧାନ ସଦନଠାରେ ଆଜି  ରାଜ୍ୟଗୋଷ୍ଠୀ ବାଚସ୍ପତି ଏବଂ ପ୍ରିଜାଇଡିଂ ଅଧିକାରୀଙ୍କ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ଭାରତ ବିବିଧତାକୁ ନିଜର ଶକ୍ତିଭାବେ ପରିଣତ କରିଛି। ଦେଶରେ ୟୁ.ପି.ଆଇ ହେଉଛି ବିଶ୍ୱର ସର୍ବବୃହତ ଡିଜିଟାଲ ଦେଣନେଣ ମାଧ୍ୟମ। ଶ୍ରୀ ମୋଦୀ କହିଛନ୍ତି, ସର୍ବବୃହତ ଟୀକା ଉତ୍ପାଦକ ଏବଂ ଦ୍ୱିତୀୟ ଇସ୍ପାତ ଉତ୍ପାଦକ ଭାବେ ଭାରତ ବିଶ୍ୱସ୍ତରରେ ପରିଗଣିତ ହେଉଛି। ଚତୁର୍ଥଥର ପାଇଁ ଏହି ସମ୍ମିଳନୀ ଭାରତରେ ଅନୁଷ୍ଠିତ ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

***Voice (Modi)*** :.........

ସମ୍ମିଳନୀରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମଧ୍ୟ ଯୋଗ ଦେଇଛନ୍ତି ।

***BBSR/R***

## ମୁଖ୍ୟମନ୍ତ୍ରୀ-ପଶ୍ଚିମବଙ୍ଗ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ତିନିଦିନିଆ  ପଶ୍ଚିମବଙ୍ଗ ଗସ୍ତରେ ଯାଇଛନ୍ତି। କୋଲକାତାଠାରେ ଆସନ୍ତାକାଲି ଆୟୋଜିତ ହେବାକୁ ଥିବା ନିବେଶକ ସମ୍ମିଳନୀରେ ଶ୍ରୀ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଏହି ଗସ୍ତରେ ଯାଇଛନ୍ତି। ପୂର୍ବରୁ ହାଇଦ୍ରାବାଦଠାରେ ନିବେଶକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

*Puri/R*

# ଧାନମଣ୍ଡି

ପୁରୀଜିଲ୍ଲାରେ ଚଳିତ ଖରିଫ୍ ଋତୁପାଇଁ ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ପରିସରରେ ଧାନମଣ୍ଡିରେ ଧାନକିଣା ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାର କୃଷି ଓ କୃଷକଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ଥିବା କହିଛନ୍ତି । ଗତବର୍ଷ ଅପେକ୍ଷା ଚଳିତ ବର୍ଷ ୧୦ ହଜାରରୁ ଅଧିକ କୃଷକ ପଞ୍ଜୀକରଣ କରିଥିବା ସେ କହିଛନ୍ତି । ଧାନସଂଗ୍ରହ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ଚଳିତ ଖରିଫ୍ ଋତୁରେ ଅଧିକ ୯ଟି ମଣ୍ଡି ଖୋଲାଯିବାକୁ ବ୍ୟବସ୍ଥା କରାଯାଇଛି । ପୁରୀ ଜିଲ୍ଲାରେ ଚଳିତବର୍ଷ ଅଣଷଠି ହଜାର ୯୯୮ ଜଣ ଚାଷୀ ଧାନବିକ୍ରିପାଇଁ ପଞ୍ଜୀକରଣ କରିଛନ୍ତି । ଏହି ସଂଖ୍ୟା ଗତବର୍ଷଠାରୁ ୧୦ ହଜାର ୭୧୯ ଅଧିକ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୫୦ ହଜାର ୫୫୨ଟି ଟୋକନ୍ ବଣ୍ଟନ କରାଯାଇଥିବାବେଳେ ୧୨ ଲକ୍ଷ ୪ ହଜାର କୁଇଣ୍ଟାଲ୍ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି । ଜିଲ୍ଲାରେ ୧୯୬ଟି ପ୍ରାଥମିକ କୃଷି ସମବାୟ ସମିତି, ଗୋଟିଏ ଅତିରିକ୍ତ ସମିତି ଏବଂ ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ଧାନ କ୍ରୟ କରାଯିବ ବୋଲି ସୂଚନା ମିଳିଛି ।

***BBSR/R***

# ସଚିବସ୍ତରୀୟ ବୈଠକ

ମୁଖ୍ୟ ଶାସନ ସଚିବ ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଖାରବେଳ ଭବନଠାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି, ବଜେଟ୍ ଖର୍ଚ୍ଚ ଓ ଖାଲି ପଡ଼ିଥିବା ପଦବୀ ପୂରଣ ସମ୍ପର୍କରେ ଆଲୋଚନା କରାଯାଇଛି। ଶ୍ରୀମତୀ ଗର୍ଗ ବିଭିନ୍ନ କାର୍ଯ୍ୟକ୍ରମର ନିୟମିତ ସମୀକ୍ଷା, ପ୍ରତିମାସରେ କ୍ଷେତ୍ର ପରିଦର୍ଶନ ଏବଂ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ କରିବାପାଇଁ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ପ୍ରତିମାସର ୧୬ ତାରିଖରେ ସମସ୍ତ ଜିଲ୍ଲାପାଳଙ୍କ ସହ ଆଭାସୀ ମାଧ୍ୟମରେ ବିକାଶମୂଳକ କାର୍ଯ୍ୟ ଓ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ନେଇ ନିଷ୍ପତ୍ତି ନେବେ ।

***Desk***

# ଅନ୍‌ଏମ୍ପ୍ଲୋୟମେଣ୍ଟ ଡାଟା

ଦେଶରେ ୧୫ ବର୍ଷ ଏବଂ ତା’ଠାରୁ ଅଧିକ ବୟସର ବ୍ୟକ୍ତିଙ୍କ ମଧ୍ୟରେ ସାମଗ୍ରୀକ ଶ୍ରମଶକ୍ତି ହାର ଗତ ମାସରେ  ବୃଦ୍ଧି ପାଇ ୫୬ ଦଶମିକ ୧ ପ୍ରତିଶତ ହୋଇଛି। ପରିସଂଖ୍ୟାନ ଏବଂ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟର ମାସିକ

ଶ୍ରମଶକ୍ତି ଓ ବେକାରୀ ତଥ୍ୟରୁ ଏହି ସୂଚନା ମିଳିଛି। ଗତ ବର୍ଷ ନଭେମ୍ବର ମାସରେ ଏହି ହାର ୫୫ ଦଶମିକ ୮ ପ୍ରତିଶତ ରହିଥିଲା। ଏପରିକି ଗତ ମାସରେ ଏହି ବର୍ଗର ସାମଗ୍ରୀକ ଶ୍ରମିକ ଜନସଂଖ୍ୟା ଅନୁପାତ ବର୍ଷର ସବୁଠାରୁ ଅଧିକ ୫୩ ଦଶମିକ ୪ ପ୍ରତିଶତ ରହିଥିଲା। ଦେଶରେ ଏହି ବର୍ଗର ବ୍ୟକ୍ତିଙ୍କ ମଧ୍ୟରେ ବେକାରୀ ହାର ପ୍ରାୟତଃ ସ୍ଥିର ରହିଥିବା ଏହି ତଥ୍ୟରେ କୁହାଯାଇଛି। ଗତ ନଭେମ୍ବର ମାସରେ ବେକାରୀ ହାର ୪ ଦଶମିକ ୭ ପ୍ରତିଶତ ରେକର୍ଡ କରାଯାଇଥିବା ବେଳେ ଗତ ମାସରେ ଏହା ୪ ଦଶମିକ ୮ ପ୍ରତିଶତ ରହିବ ବୋଲି ତଥ୍ୟରେ ଆକଳନ କରାଯାଇଛି। ଗ୍ରାମାଞ୍ଚଳ ବେକାରୀ ହାର ୩ ଦଶମିକ ୯ ପ୍ରତିଶତରେ ସ୍ଥିର ରହିଥିବା କୁହାଯାଇଛି।

***Desk***

# ଡପ୍‌ଲର ରାଡାର

ରାଜ୍ୟରେ ଜଳବାୟୁ ସମ୍ପର୍କରେ ପୂର୍ବାନୁମାନ ଓ କୃଷକମାନଙ୍କୁ ସଠିକ୍ ପାଣିପାଗ ସୂଚନା ଯୋଗାଇଦେବା ଲାଗି ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ସମ୍ବଲପୁରରେ ଡପ୍‌ଲର୍ ରାଡାର କାର୍ଯ୍ୟକ୍ଷମ ହେବ । ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସମ୍ବଲପୁର ପରେ ବାଲେଶ୍ୱର ଓ ଭୁବନେଶ୍ୱରରେ ଚଳିତବର୍ଷର ଶେଷ ଭାଗରେ ଡପ୍‌ଲର୍ ରାଡାର କାର୍ଯ୍ୟ କରିବ । ପୁରୀରେ ୨୦୨୭ ସୁଦ୍ଧା ନୂଆ ଡପ୍‌ଲର୍ ରାଡାର ସ୍ଥାପନ କରାଯିବାକୁ ଯୋଜନା

ରହିଥିବା ଡକ୍ଟର ମହାପାତ୍ର କହିଛନ୍ତି । ଡପ୍‌ଲର ରାଡାର ଜରିଆରେ ପବନର ବେଗ ଏବଂ ଗତିକୁ ଟ୍ରାକ୍ କରାଯାଇ ବର୍ଷା, ବାତ୍ୟା ଏବଂ ଝଡ଼ କ୍ଷେତ୍ରରେ ଆଗୁଆ ସୂଚନା ପାଇବା ସହଜ ହୋଇଥାଏ ।

***Bolangir/R***

# ପାଟଣାଗଡ଼ ଲୋକ ମହୋତ୍ସବ

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଲୋକ ମହୋତ୍ସବକୁ ଆଜି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍‌ଘାଟନ କରି କହିଛନ୍ତି, ଏହି ମହୋତ୍ସବ ଗ୍ରାମାଞ୍ଚଳରେ କଳାକାରମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରିବାର ଏକ ଉତ୍ସବ । କଳାକାରମାନଙ୍କୁ ରାଜ୍ୟ ସରକାର ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି । ଏହି ଅବସରରେ ଏକକ ଲୋକବାଦ୍ୟ, ଦଳୀୟ ଲୋକନୃତ୍ୟ ଓ ଦଣ୍ଡନୃତ୍ୟରେ ପ୍ରାୟ ୪ ଶହ ଜଣ କଳାକାର ଯୋଗ ଦେଇଥିଲେ ।

***HS***

# ନିପା ଭାଇରସ୍

ଓଡ଼ିଶାରେ ନିପା ଭାଇରସ୍ ସଂକ୍ରମଣ ରୋଗୀ ଚିହ୍ନଟ ହୋଇ ନାହାନ୍ତି । ତେଣୁ ରାଜ୍ୟବାସୀ ଭୟଭୀତ ନ ହେବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି । ସେ କହିଛନ୍ତି, ପଶ୍ଚିମବଙ୍ଗରେ ନିପା ଭାଇରସ୍‌ରେ

୨ ଜଣ ସ୍ୱାସ୍ଥ୍ୟକର୍ମୀ ଆକ୍ରାନ୍ତ ହେବା ଘଟଣାରେ କେନ୍ଦ୍ର ସରକାରଙ୍କ ଏକ ଟିମ୍ ସେଠାରେ କାର୍ଯ୍ୟ କରୁଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ନିପା ଭାଇରସ୍ ସଂକ୍ରମଣ ନେଇ ନୂଆ ନିର୍ଦ୍ଦେଶନାମା ଜାରି ହୋଇ ନ ଥିବାରୁ ୨୦୨୩ ମାର୍ଗଦର୍ଶିକା ପାଳନ ଉପରେ ଡାକ୍ତର ମିଶ୍ର ଗୁରୁତ୍ୱାରୋପ କରିଛନ୍ତି ।

***Nayagarh/R***

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ନୟାଗଡ଼ରେ ଆସନ୍ତା ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି । ନିଷ୍ପତ୍ତି ଅନୁଯାୟୀ ଚଳିତ ମାସ ୨୬ ତାରିଖ ସକାଳେ ନୟାଗଡ଼ ପୁଲିସ୍ ଟ୍ରେନିଂ ସ୍କୁଲ୍ ପଡ଼ିଆରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକରେ ଜାତୀୟ ପତାକା ଉତ୍ତୋଳନ ପରେ ସକାଳ ୮ଟାରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ ।

***Kalahandi/R***

## ସାଧାରଣତନ୍ତ୍ର – ନିମନ୍ତ୍ରଣ

ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଆଟ୍ ହୋମ୍ ଆତିଥ୍ୟ ସମ୍ମିଳନୀରେ ଯୋଗ ଦେବାଲାଗି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରର ଅର୍କାବାହେଲିପଡ଼ାର ସଫେଇ କର୍ମଚାରୀ ରାଜେନ୍ଦ୍ର ପାତ୍ରଙ୍କୁ ରାଷ୍ଟ୍ରପତିଙ୍କ ପକ୍ଷରୁ

ନିମନ୍ତ୍ରଣ ମିଳିଛି । ନିଷ୍ଠାପର କର୍ମଚାରୀ ଭାବେ ଦୀର୍ଘଦିନ ଧରି ଭବାନୀପାଟଣା ପୌରପାଳିକା ଅଧୀନରେ ସେ କାର୍ଯ୍ୟ କରିଆସୁଛନ୍ତି । ରାଷ୍ଟ୍ରପତିଙ୍କଠାରୁ ନିମନ୍ତ୍ରଣ ପତ୍ର ପାଇବା ପରେ ଶ୍ରୀ ପାତ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି :

***Voice (Rajendra Patra)*** :.........

***Desk***

# ସେନା ଦିବସ

ଭାରତୀୟ ସେନାର ପରାକ୍ରମ, ସାହସ ଓ ଦେଶପ୍ରତି ସେନାର ବଳିଦାନକୁ ମନେପକାଇ ଆଜି ଭାରତୀୟ ସେନା ଦିବସ ପାଳନ କରାଯାଉଛି । ୧୯୪୯ ମସିହାରେ ପ୍ରଥମ ଭାରତୀୟ କମାଣ୍ଡର ଇନ୍ ଚିଫ୍ ଭାବେ ମଦପ୍ପା କାରିଅପ୍ପାଙ୍କ ନିଯୁକ୍ତି ସ୍ମୃତିରେ ପ୍ରତିବର୍ଷ ଆଜିର ଦିବସକୁ ଭାରତୀୟ ସେନା ଦିବସ ଭାବେ ପାଳନ କରାଯାଇଥାଏ । ଚଳିତବର୍ଷ ଅତ୍ୟାଧୁନିକ ସାମରିକ ପ୍ରଯୁକ୍ତି ବିଦ୍ୟା ଏବଂ ଭାରତୀୟ ସୈନିକଙ୍କ ସାହସିକତାକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଏହି ଦିବସ ପାଳନ କରାଯାଉଛି ।

***Nabarangpur/R***

# ସଡ଼କ ସୁରକ୍ଷା ଶୋଭାଯାତ୍ରା

ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଆଜି ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ମିଶନ ଶକ୍ତି ସମ୍ମିଳନୀ ଗୃହ ପର୍ଯ୍ୟନ୍ତ ଏକ

ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧୀକ୍ଷକ ମଡ଼କର ସନ୍ଦୀପ ସମ୍ପଦ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ଶପଥପାଠ କରାଇଥିଲେ । ଶୋଭାଯାତ୍ରାରେ ସ୍ଥାନୀୟ ରାଜା ଚୈତନ୍ୟଦେବ ନୋଡାଲ୍ ହାଇସ୍କୁଲ୍‌ର ଛାତ୍ରଛାତ୍ରୀ, ଆର୍.ଟି.ଓ., ଟ୍ରାଫିକ୍ ଇନ୍‌ସ୍ପେକ୍ଟର ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

***Nuapada/R***

# ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ସଭାଗୃହରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ୧୦୨ଟି ଅଭିଯୋଗର ଶୁଣାଣି କରି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ସେଗୁଡ଼ିକର ତୁରନ୍ତ ସମାଧାନପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଶିବିରରେ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ୩ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

***Deogarh/R***

# ପି.ଏମ୍.ଶ୍ରୀ ଉତ୍ସବ

ଦେବଗଡ଼ ଜିଲ୍ଲା ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ପି.ଏମ୍.ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ

କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସୃଜନଶୀଳତା ପ୍ରତିଭାର ଜାଗରଣ ଓ ଦକ୍ଷତା ବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ ।

***Khurda/R***

# ପଲ୍ଲିଶ୍ରୀ ମେଳା

ଖୋର୍ଦ୍ଧ ବି.ଡି.ଏ. ପଡ଼ିଆଠାରେ ଆସନ୍ତା ୨୩ ତାରିଖରେ ୨୦୨୫-୨୬ ବର୍ଷର ପଲ୍ଲିଶ୍ରୀ ମେଳା ଆୟୋଜିତ ହେବ । ମେଳାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶାର ଲକ୍ଷ୍ୟ ପୂରଣ ନିମନ୍ତେ ପ୍ରଯୁକ୍ତି ଜ୍ଞାନକୌଶଳ ଓ ଆତ୍ମନିର୍ଭର ଭାରତର ଭିତ୍ତିଭୂମିକୁ ସୁଦୃଢ଼ କରିବାପାଇଁ ସୁଭଦ୍ରା ଶକ୍ତିମେଳା ମଧ୍ୟ ଅନୁଷ୍ଠିତ ହେବ । ଚଳିତ ଥର ମେଳାରେ ୨୧୦ଟି ଷ୍ଟଲ୍ ଖୋଲାଯିବାର ସ୍ଥିର ହୋଇଛି ।

***Nuapada/R***

# ୱାର୍ଡ଼ ଅଭିଯାନ

ନୂଆପଡ଼ା ଖରିଆର୍ ନଗର ପକ୍ଷରୁ ପ୍ରତି ସପ୍ତାହରେ ଗୋଟିଏ ୱାର୍ଡ଼ରେ ଆୟୋଜିତ ୱାର୍ଡ଼ ଅଭିଯାନ ମାଧ୍ୟମରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ କରାଯାଉଛି । ୱାର୍ଡ଼ ନମ୍ବର ୬ରେ ଆଜି ପୌର ପ୍ରଶାସନ ପକ୍ଷରୁ

ଆୟୋଜିତ ଶିବିରରେ ୱାର୍ଡ଼ବାସୀଙ୍କ ସମସ୍ୟାର ଶୁଣାଣି ସହ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

*Bhadrak/R*

## ବ୍ୟାଡ୍‌ମିଣ୍ଟନ୍

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ୍ ସଂଘ ଓ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍‌ସିପ୍ ଭଦ୍ରକର ବାଗୁରାଇ ଇଣ୍ଡୋର ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଛି । ୧୩ରୁ ୧୭ ବର୍ଷ ପର୍ଯ୍ୟନ୍ତ ରାଜ୍ୟର ୩୦ଟି ଜିଲ୍ଲାର ୧୫୦ ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି । ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କଦ୍ୱାରା ଉଦ୍‌ଘାଟିତ ଏହି ପ୍ରତିଯୋଗିତା ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ।

*Nayagarh/R*

## କ୍ରୀଡ଼ା ପ୍ରତିଯୋଗିତା

ନୟାଗଡ଼ରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ବିଭିନ୍ନ ବିଦ୍ୟାଳୟର ୧୧୦ ଜଣ ଛାତ୍ରଛାତ୍ରୀ କ୍ରୀଡ଼ା

ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ଉଭୟ ବର୍ଗରେ ଜଣେ ଲେଖାଏଁ ଛାତ୍ର ଓ ଛାତ୍ରୀ ଚାମ୍ପିୟନ୍ ହୋଇଛନ୍ତି ।

***Desk***

## ପାଣିପାଗ

ଉତ୍ତର ପଶ୍ଚିମ ତଥା ଉତ୍ତର ଦିଗରୁ ରାଜ୍ୟକୁ ଥଣ୍ଡା ଶୁଷ୍କ ବାୟୁ ପ୍ରବେଶ କରୁଥିବାରୁ ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଶୀତ ବୃଦ୍ଧି ପାଇବା ନେଇ ଅନୁଗୁଳ, ଝାରସୁଗୁଡ଼ା, ଢେଙ୍କାନାଳ, ସୁନ୍ଦରଗଡ଼, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆଗାମୀ ଦୁଇଦିନ ୧୧ଟି ଜିଲ୍ଲାରେ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି ।

******